ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/COVID-19(OD)/ 951/29-12-2020**

# ପ୍ରେସ୍ ବିବୃତି

**ଭୁବନେଶ୍ୱର :୨୯ ଡିସେମ୍ବର,୨୦୨୦**

➢ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ କହିଛନ୍ତି ଯେ ରାଜ୍ୟ କ୍ୟାବିନେଟ୍‌ରେ ସରକାରୀ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ପାଇଁ ଡାକ୍ତରୀ ଓ ଇଂଜିନିୟରିଂ ପାଠ୍ୟକ୍ରମରେ ନାମଲେଖା ପାଇଁ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଏହା ସରକାରୀ ବିଦ୍ୟାଳୟରେ ପଢୁଥିବା ମେଧାବୀ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ଆଣିବ ଏବଂ ଡାକ୍ତର ଓ ଇଂଜିନିୟର ହେବା ପାଇଁ ସେମାନଙ୍କ ସ୍ୱପ୍ନ ପୂରଣ କରିବାରେ ସହାୟକ ହେବ ବୋଲି ସେ କହିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ବିଗତ କିଛି ବର୍ଷ ଧରି ଡାକ୍ତରୀ ଓ ଇଂଜିନିୟରିଂ ପାଠ୍ୟକ୍ରମରେ ସରକାରୀ ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକର ଛାତ୍ରଛାତ୍ରୀମାନଙ୍କର ସଂଖ୍ୟା କମିବାରେ ଲାଗିଛି । ଏହା ମେଧା ଯୋଗୁଁ ନୁହେଁ ବରଂ ଉତ୍ତମ ପ୍ରଶିକ୍ଷଣ ଅଭାବରୁ ହେଉଛି । ଏହି ନିଷ୍ପତ୍ତି ସେପରି ବୈଷମ୍ୟକୁ ଦୂର କରିବ ବୋଲି ସେ କହିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଶିକ୍ଷାବିତ୍, ବୁଦ୍ଧିଜୀବୀଙ୍କୁ ନେଇ ଉଚ୍ଚନ୍ୟାୟାଳୟର ଅବସରପ୍ରାପ୍ତ ବିଚାରପତିଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇ ନିଷ୍ପତ୍ତିକୁ ଚୂଡ଼ାନ୍ତ ରୂପରେଖ ଦିଆଯିବ । କମିଟି ତିନି ମାସ ମଧ୍ୟରେ ରିପୋର୍ଟ ଦାଖଲ କରିବେ, ଯାହା ଦ୍ୱାରା ଏହି ଘୋଷଣାକୁ ପରବର୍ତ୍ତୀ ଶିକ୍ଷାବର୍ଷରୁ ଲାଗୁ କରାଯାଇପାରିବ ବୋଲି ସେ କହିଛନ୍ତି ।

➢ ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ମହାତ୍ମା ଗାନ୍ଧୀଙ୍କ ଓଡ଼ିଶା ଆଗମନର ଶତବାର୍ଷିକୀ ପରିପ୍ରେକ୍ଷୀରେ ରାଜ୍ୟ କ୍ୟାବିନେଟ୍ ଏହାକୁ ଆକର୍ଷଣୀୟ ଭାବେ ପାଳନ କରିବା ସହ ଓଡ଼ିଶାର ଯୁବଗୋଷ୍ଠୀ ଓ ଜନତାଙ୍କ ମଧ୍ୟରେ ଅହିଂସାର ପୂଜାରୀଙ୍କ ଚିରନ୍ତନ ଆଦର୍ଶର ପ୍ରସାର ନିମନ୍ତେ ମାର୍ଚ୍ଚ ୨୩ ତାରିଖରୁ ଏକ ବର୍ଷ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯିବ ।

- ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶାର ମହାନ ବରପୁତ୍ରମାନଙ୍କ ସ୍ମୃତିକୁ ଉଜ୍ଜୀବିତ ରଖିବା ଉଦ୍ଦେଶ୍ୟରେ ଏବଂ ଭବିଷ୍ୟତ ପିଢ଼ି ଏକ ବୃହତ ଓଡ଼ିଶା ଗଠନରେ ସେମାନଙ୍କର ଅବଦାନ ସମ୍ବନ୍ଧରେ ଅବଗତ ହେବା ନିମନ୍ତେ ରାଜ୍ୟ ସରକାର ଏକ ସ୍ୱତନ୍ତ୍ର ପ୍ରଣାଳୀରେ ଚୟନ କରି ସପ୍ତମ, ଅଷ୍ଟମ, ନବମ ଶ୍ରେଣୀର ପାଠ୍ୟପୁସ୍ତକରେ ସେମାନଙ୍କ ଜୀବନୀ ସମ୍ବଳିତ ବିଷୟ ସ୍ଥାନିତ କରିବେ ।

**'ମାସ୍କ ପିନ୍ଧନ୍ତୁ, ସୁରକ୍ଷିତ ରୁହନ୍ତୁ'**

- ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆମର ଭବିଷ୍ୟତ ବଂଶଧରଙ୍କୁ ପ୍ରେରଣା ଦେବା ଉଦ୍ଦେଶ୍ୟରେ ଓଡ଼ିଶାର ବରପୁତ୍ରମାନଙ୍କ ଜନ୍ମସ୍ଥାନଗୁଡ଼ିକୁ ଆଦର୍ଶ ଗ୍ରାମରେ ପରିଣତ କରାଯିବ । ରାଜ୍ୟର ଏହି ମହାନ ସନ୍ତାନମାନଙ୍କ ପ୍ରତି ସମ୍ମାନ ଓ ଶ୍ରଦ୍ଧାନିବେଦନ ଉଦ୍ଦେଶ୍ୟରେ ସେମାନଙ୍କ ଜୟନ୍ତୀ ଓ ଶ୍ରଦ୍ଧାବାର୍ଷିକୀ ପାଳନ କରାଯିବ ବୋଲି ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ।

➢ ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଦୁର୍ନୀତି ବିରୁଦ୍ଧରେ ସାଲିସବିହୀନ ସଂଗ୍ରାମ ପାଇଁ ଓଡ଼ିଶା କ୍ୟାବିନେଟ୍ ତଳସ୍ତରରୁ ଆରମ୍ଭ କରି ମୁଖ୍ୟ ଶାସନ ସଚିବଙ୍କ ପର୍ଯ୍ୟନ୍ତ ସମସ୍ତ ସରକାରୀ କର୍ମଚାରୀ ଏବଂ ସରପଞ୍ଚଙ୍କଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀଙ୍କ ପର୍ଯ୍ୟନ୍ତ ସମସ୍ତ ଜନପ୍ରତିନିଧିଙ୍କ ପାଇଁ ସଂପତ୍ତି ତାଲିକା ଦାଖଲକୁ ବାଧ୍ୟତାମୂଳକ କରିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ ପୁଣି କହିଛନ୍ତି ଯେ ସମସ୍ତ ସରକାରୀ କର୍ମଚାରୀ ଏବଂ ଲୋକପ୍ରତିନିଧି ସଂପତ୍ତି ତାଲିକା ଦାଖଲ କରିବା ସହ ସାଧାରଣ ଜନତାଙ୍କ ଗୋଚରାର୍ଥେ ଏହାକୁ ସୁନିଶ୍ଚିତ କରିବେ । ଏହି ତାଲିକାର ଏକ ନକଲ ପ୍ରତ୍ୟେକ ବର୍ଷ ଲୋକାୟୁକ୍ତଙ୍କ ପାଖକୁ ପ୍ରେରଣ କରାଯିବ ବୋଲି ସେ କହିଛନ୍ତି ।

➢ ମାନ୍ୟବର ମୁଖ୍ୟମନ୍ତ୍ରୀ ଏଫ୍ଇଇ, ଡେନ୍ମାର୍କଠାରୁ ପ୍ରମାଣପତ୍ର ପାଇବା ପରେ ପୁରୀ ସ୍ୱର୍ଣ୍ଣିମ ବେଳାଭୂମିରେ ବ୍ଲୁ ଫ୍ଲାଗ୍ ଉତ୍ତୋଳନ ପରିପ୍ରେକ୍ଷୀରେ ଓଡ଼ିଶା ପର୍ଯ୍ୟଟନ ଏବଂ ପୁରୀ ଜିଲ୍ଲା ପ୍ରଶାସନକୁ ଅଭିନନ୍ଦନ ଜଣାଇଛନ୍ତି । ଏହି ମର୍ଯ୍ୟାଦାଜନକ ପରିବେଶ ମାନ୍ୟତା ଓଡ଼ିଶା ପର୍ଯ୍ୟଟନ ସମ୍ଭାବନାଗୁଡ଼ିକୁ ସୁଦୃଢ଼ କରିବା ସହ ବିଶ୍ୱ ଐତିହ୍ୟ ସହରର ଆକର୍ଷଣ ବୃଦ୍ଧି କରିବ ବୋଲି ସେ କହିଛନ୍ତି ।

➢ ହକି ଖେଳାଳୀ ଏବଂ ସୁନ୍ଦରଗଡ଼ ଜିଲ୍ଲାର ଜନସାଧାରଣ ରାଉରକେଲାଠାରେ ଭାରତର ବୃହତ୍ତମ ହକି ଷ୍ଟାଡିୟମ୍ ନିର୍ମାଣ ପାଇଁ ଉଦ୍ୟମ ଆରମ୍ଭ କରିଥିବାରୁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରିଛନ୍ତି । ଏହି ଷ୍ଟାଡିୟମ୍‌ରେ ସର୍ବବୃହତ ଓ ସର୍ବୋତ୍କୃଷ୍ଟ ହକି ବିଶ୍ୱ କପ୍ ୨୦୨୩ ଅନୁଷ୍ଠିତ ହେବ ।

➢ ରାଜ୍ୟରେ କୋଭିଡ୍-୧୯ ନିୟମ ଏବଂ ମାର୍ଗଦର୍ଶିକା ଉଲ୍ଲଂଘନ କରିଥିବା ଅଭିଯୋଗରେ ଡିସେମ୍ବର ୨୮ ରୁ ୨୯ ତାରିଖ ସକାଳ ପର୍ଯ୍ୟନ୍ତ ୨୪ ଘଣ୍ଟା ମଧ୍ୟରେ ଓଡ଼ିଶା ପୋଲିସ ପକ୍ଷରୁ  ୨୦ ଜଣ ବ୍ୟକ୍ତିଙ୍କୁ ଗିରଫ, ୬୫୦ ଟି ଗାଡ଼ି ଜବତ ଏବଂ ୧୯,୨୫,୭୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି ।

**ସର୍ବଶେଷ ସ୍ୱାସ୍ଥ୍ୟ ସୂଚନା**

- ଗତକାଲି ମଧ୍ୟରାତ୍ରି ସୁଦ୍ଧା ଓଡ଼ିଶାରେ ୬୮,୮୨,୫୫୧ ଟି ନମୁନା କୋଭିଡ୍-୧୯ ପରୀକ୍ଷା କରାଯାଇଛି ।
- ବର୍ତ୍ତମାନ ସୁଦ୍ଧା ସମୁଦାୟ ୩,୨୯,୦୦୧ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି ।
- ୩,୨୪,୩୯୨ ଜଣ ରୋଗୀ ସଂପୂର୍ଣ୍ଣ ସୁସ୍ଥ ହୋଇଛନ୍ତି/ଡାକ୍ତରଖାନାରୁ ଫେରିଛନ୍ତି ।
- ୧୮୬୮ ଜଣ କୋଭିଡ୍-୧୯ ରୋଗୀଙ୍କର ମୃତ୍ୟୁ ହୋଇଛି ।
- ସକ୍ରିୟ ଥିବା ସଂକ୍ରମିତଙ୍କ ସଂଖ୍ୟା ୨,୬୮୮ ରହିଛି ।
- ୨,୬୮୮ ଜଣ ହସ୍‌ପିଟାଲ୍ ଆଇସୋଲେସନ୍‌ରେ ରହିଛନ୍ତି ।

**'ମାସ୍କ ପିନ୍ଧନ୍ତୁ, ସୁରକ୍ଷିତ ରୁହନ୍ତୁ'**

ପଠାଣି ରାଉତ
ସୂଚନା ଅଧିକାରୀ